ପୁଅ ମାଡ଼ରେ ବାପ ଲହୁଲୁହାଣ ଅଭିଯୋଗ

ବ୍ରହ୍ମଗିରି,୧୨।୬/ଏନ୍ଏନ୍ଏସ୍: ପୁଅ ମାଡ଼ରେ ବାପ ଲହୁଲୁହାଣ ହେବା ଘଟଣା ବ୍ରହ୍ମଗିରିରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ବ୍ରହ୍ମଗିରି ଥାନା ଅଲରାପୁର ଗାଁର କେଲୁ ବାରିକ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

ବଉଳାଙ୍ଗରେ ଏନ୍ଆର୍ଇଜିଏସ୍ ଯୋଜନା ସଫଳ

ନୟାହାଟ,୧୨।୬/ଏନ୍ଏନ୍ଏସ୍: ଗୋପ ବ୍ଲକର ବଉଳାଙ୍ଗ ପଞ୍ଚାୟତରେ ସରକାରଙ୍କ ଏନ୍ଆର୍ଇଜିଏସ୍ ଯୋଜନା ସଫଳ ହୋଇଥିବା ଦେଖିବାକୁ ମିଳିଛି। ପଞ୍ଚାୟତର ସରପଞ୍ଚ କମଳାକାନ୍ତ କୁଅଁରଙ୍କ ଉଦ୍ୟମରେ ପଞ୍ଚାୟତର ଥିବା ଜବ୍ କାର୍ଡ଼ଧାରୀମାନେ ନିଜେ କୋଡ଼ିକୋଦାଳ ଓ ଝୁଡ଼ି ହାତରେ ଧରି ଭୀମାପଡ଼ା ଗ୍ରାମଦାଣ୍ଡ ପୋଖରୀକୁ ଖନନ କରିଛନ୍ତି। ସେହିପରି ପାଞ୍ଚଣା ନୂଆସାହି ପୋଖରୀକୁ ଜବ୍ କାର୍ଡ଼ଧାରୀମାନେ ଖନନ କରୁଥିବା ଦେଖିବାକୁ ମିଳିଛି। ବଉଳାଙ୍ଗ ପଞ୍ଚାୟତରେ ଥିବା ଗରିବ ଲୋକମାନେ ଏନ୍ଆର୍ଇଜିଏସ୍ ଯୋଜନାକୁ ସଠିକ୍ ଭାବେ ସରପଞ୍ଚ ଓ ୱାର୍ଡ଼ସଭ୍ୟମାନେ ବିନିଯୋଗ କରିଥିବାରୁ ସ୍ଥାନୀୟ ବିଧାୟକ ଏହି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

୩ ସଡ଼କ ଦୁର୍ଘଟଣା, ୬ ଆହତ

ବାଲୁଗାଁ,ଟାଙ୍ଗୀ,ଚମ୍ପେଶ୍ୱର,ଓଡ଼ଗାଁ, ୧୨।୬/ଏନ୍ଏନ୍ଏସ୍: ବାଲୁଗାଁ ଓ ଚମ୍ପେଶ୍ୱର ଓ ଓଡ଼ଗାଁ ଅଞ୍ଚଳରେ ତିନିଟି ସଡ଼କ ଦୁର୍ଘଟଣାରେ ୬ଜଣ ଆହତ ହୋଇଛନ୍ତି। ସୂଚନା ମୁତାବକ ୧୬ ନମ୍ବର ଜାତୀୟ ରାଜପଥ ବାଲୁଗାଁ ବାଇପାସ୍ ରାସ୍ତାର କୋତରୀ ଛକର ଅନତୀ ଦୂରରେ ଆଜି ସନ୍ଧ୍ୟାରେ ବାଇକ୍ ପଛକୁ ଏକ କାର୍ ଧକ୍କା ଦେବାରୁ ସ୍ଥାନୀୟ ଖଣତ ଗ୍ରାମର ଅଶୋକ ସାହୁ, ପତ୍ନୀ ମିଲି ଓ ୫ ବର୍ଷର ଶିଶୁକନ୍ୟା ରିୟା ଗୁରୁତର ଆହତ ହୋଇଛନ୍ତି।

ଅଶୋକ କୋତରୀ ଗ୍ରାମସ୍ଥିତ ବନ୍ଧୁ ଘରକୁ ଯାଇ ଏକ ବାଇକ୍ ଯୋଗେ ସପରିବାର ଫେରୁଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା। ବାଲୁଗାଁ ଅଗ୍ନିଶମ ସେବାସଂସ୍ଥାର କର୍ମଚାରୀମାନେ ଆହତମାନଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ଜଣାପଡ଼ିବାର ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ପାଇଥିଲା। ଲୋକେ କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ କରିଥିଲେ। ଖବରପାଇ ବାଲୁଗାଁ ଆଇଆଇସି ସଞ୍ଜୟ କୁମାର ପଟ୍ଟନାୟକ, ଏସ୍‌ଡିପିଓ ସୁବାଶ ଚନ୍ଦ୍ର ପଣ୍ଡା ସଦଳବଳ ପହଞ୍ଚି ଆଲୋଚନା କରିଛନ୍ତି। ପୁଲିସ୍ ସମ୍ପୃକ୍ତ କାର୍‌କୁ ଜବତ କରି ତଦନ୍ତ ଚଳାଇଛି।

ନରସିଂହପୁର ଥାନା ଅନ୍ତର୍ଗତ ନରସିଂହପୁର-ଅନୁଗୁଳ ମୁଖ୍ୟ ରାସ୍ତାର ଚତରାପଦା ନିକଟ ବୁଢ଼ାବୁଢ଼ୀ ଘାଟି ନିକଟରେ ସୋମବାର ବାଇକ୍ ଦୁର୍ଘଟଣା ଘଟି ୨ ଜଣ ଆହତ ହୋଇଛନ୍ତି। ଆହତ ଯୁବକମାନେ ହେଲେ ନୟାଗଡ଼ ଜିଲ୍ଲାର ପାଣି ପୋଇଲା ଅଞ୍ଚଳର ଶରତ ଭୋଳଙ୍କ ପୁଅ ସୌମ୍ୟ ରଞ୍ଜନ ଭୋଳ (୨୨) ଏବଂ ସେହି ଗ୍ରାମର ବାବୁଲି ନାୟକଙ୍କ ପୁଅ ମିଥୁନ ନାୟକ ବୋଲି ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ ଏକ ଆପାଚି ବାଇକ୍‌ରେ ସୌମ୍ୟରଞ୍ଜନ ଓ ମିଥୁନ ରାସୋଳରୁ ନରସିଂହପୁର ଆସୁଥିବା ସମୟରେ ସୋମବାର ମଧ୍ୟାହ୍ନରେ ବୁଢ଼ାବୁଢ଼ୀ ଘାଟିର ପ୍ରଥମ ବାଙ୍କରେ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ନରସିଂହପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ହିନ୍ଦୋଳରୁ ୧୦୮ ଆମ୍ବୁଲାନ୍ସ ଆସି ଉଭୟଙ୍କୁ ଉଦ୍ଧାର କରି ନରସିଂହପୁର ମେଡ଼ିକାଲକୁ ଆଣିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିନଥିବା ବେଳେ ପୁଲିସ୍ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଓଡ଼ଗାଁ କଲେଜ ରୋଡ୍‌ରେ ଆଜି ଅପରାହ୍ଣ ପ୍ରାୟ ସାଢେ ୩ଟା ସମୟରେ କାର୍ ସହ ବାଇକ୍‌ର ମୁହାଁମୁହିଁ ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ ଚାଳକ ଜଣକ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ସୁଧୀର କୁମାର ପାତ୍ର(୩୪) ବୋଲି ଜଣାପଡିଛି। ସୁଧୀର ଓଡ଼ଗାଁରୁ କେନାଲ୍‌ଛକ ଅଭିମୁଖେ ଓଡି-୨୫ଏ-୯୭୭୦ ନଂ ଥିବା ବାଇକ୍‌ରେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଓଡି-୦୨ଏପି-୧୩୫୮ କାର୍ ସହ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରୁ ସୁଧୀରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ନୟାଗଡ଼ ଡାକ୍ତରଖାନା ସେଠାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

ଭାପୁରରେ ପରୀ ରଥକୁ ସ୍ୱାଗତ

ଭାପୁର,୧୨।୬/ଏନ୍ଏନ୍ଏସ୍: ନାବାଳିକା ଯୌନ ଶୋଷଣ ଓ ଶିଶୁ ନିର୍ଯାତନା ରୋକିବା ଲକ୍ଷ୍ୟ ନେଇ ରାଜ୍ୟବ୍ୟାପି ବାହାରିଥିବା ସଚେତନତା ପରୀ ରଥକୁ ଭାପୁରରେ ସ୍ୱାଗତ କରାଯାଇଛି। ପରୀ ରଥ ଭାପୁର ଦମକଳ ଅଫିସ୍‌ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଭାପୁର ନୋଡାଲ ସ୍କୁଲ୍ ପରିସରରେ ପହଞ୍ଚିବା ପରେ ଏହାକୁ ବିଧାୟକ ଅନୁଭବ ପଟ୍ଟନାୟକ, ନୟାଗଡ଼ ଜିଲ୍ଲା ଆଡିସ୍‌ନାଲ ଏସ୍‌ପି ଦିଲୀପ ସାହାଣୀ, ବ୍ଲକ୍ ଉପାଧ୍ୟକ୍ଷ ଗୟାଧର ପରିଡ଼ା, ଫତେଗଡ଼ ଥାନାଧିକାରୀ ଆଶୁତୋଷ ମିଶ୍ର, ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି, ଅଙ୍ଗନୱାଡ଼ି କର୍ମୀ, ସମାଜସେବୀ ମକୁନ୍ଦା ସାହୁ, ଭାପୁର ବଜାର ସଭାପତି ଗଙ୍ଗାଧର ବାରିକ, ଭାପୁର ବିଡିଓ ସୁଷମା ବାରିକ, ସାମ୍ବାଦିକ ଶୁଭେନ୍ଦୁ ପଟ୍ଟନାୟକ, ରମେଶ ଚନ୍ଦ୍ର ରାଉତ ଓ ବିଭିନ୍ନ ସ୍କୁଲ୍‌ପିଲାଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ଫତେଗଡ଼ ଥାନା ଆଇଆଇସି ଆଶୁତୋଷ ମିଶ୍ରଙ୍କ ଦ୍ୱାରା ଆୟୋଜିତ ସଭାରେ ଯୁବ ବିଧାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସିଡିପିଓ ହରପ୍ରିୟା ମେହେର, ନୟାଗଡ଼ ଏସ୍ଏଚ୍‌ଜି ଗୋଷ୍ଠୀର ସଭାପତି ପ୍ରଭାସିନୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପଠାଣି ସାମନ୍ତ କଲେଜର ଅଧ୍ୟାପକ ସର୍ବେଶ୍ୱର ମହାରଣା ସଭାକୁ ସଂଯୋଜନା କରିଥିଲେ।

ଆଜିର ପାଞ୍ଜି

୧୩ ଜୁନ,୨୦୧୮, ବୁଧବାର: ବୃଷ ୩୦ ଦିନ, ରମ୍‌ଜାନ୍ ୨୮ ତାରିଖ, ଜ୍ୟେଷ୍ଠ ୨୧ ଦିନ।

◆**ତିଥି:**ଅମାବାସ୍ୟାର ସାମ୍ବତ୍ସରିକ ଶ୍ରାଦ୍ଧ ମହାଳୟା ବିଧିରେ ହେବ। ◆**ବିଶେଷ ତିଥି:** ମଳ ଅମାବାସ୍ୟା। ◆**ବୃଷ:** ଦ୪/୩୫/୪୦ ଇଂଘ.୫/୧୧/୧୨ ଗତେ ଉଦୟ। ◆**ବିଛା:** ଦ୫/୦୯/୩୦ ଇଂଘ.୬/୨୧/୪୩ ଗତେ ଅସ୍ତ। ◆**ଶୁଭକର୍ମ:** ଯୋଗିନୀ, ଐଶାନ୍ୟେ ଓ ପୂର୍ବେ ଯାତ୍ରାଦି ଶୁଭ କର୍ମ ନାସ୍ତି। ◆**ଘାତବାର:** କର୍କଟ ରାଶି। ◆**ଘାତଚନ୍ଦ୍ର:** ବିଛା ରାଶି। ◆**ଚନ୍ଦ୍ରଶୁଦ୍ଧି:** ମିଥୁନ, କର୍କଟ, ସିଂହ, ଧନୁ, ମକର, ମୀନ ଓ ମେଷ ରାଶି। ◆**ଭକ୍ଷଣ ନିଷେଧ:** ମାଛ ଓ ମାଂସ।◆**ଅମୃତବେଳା:** ଦିବା ଘ.୬/୪୯ ଗତେ ଘ.୮/୨୮ ମଧ୍ୟେ ଘ.୩/୪ ଗତେ ଘ.୪/୪୩ ମଧ୍ୟେ ରାତ୍ରି ଘ.୧୦/୨୫ ଗତେ ଘ.୧/୬ ମଧ୍ୟେ।

କେମିତି କଟିବ ଆଜି

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

ମେଷ	ଆଜି ହଠାତ୍ କୌଣସି ଦିଗରୁ ଧନଲାଭର ସୁଯୋଗ ମିଳିପାରେ। ସାମାଜିକ ପ୍ରତିଷ୍ଠାରେ ସମ୍ମାନିତ ହେବେ। ଶତ୍ରୁମାନେ ପରାଜିତ ହେବେ। ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ମହିଳାମାନେ ବସ୍ତ୍ରଆଭୂଷଣ ଲାଭ କରିବେ।
ବୃଷ	ଆକସ୍ମିକ ବ୍ୟବସାୟରେ ଧନକ୍ଷୟ ହେବାର ସମ୍ଭାବନା ରହିଛି। ଶତ୍ରୁମାନଙ୍କ ଦ୍ୱାରା ହଇରାଣ ଯୋଗ ରହିଛି। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ମାନସିକ ଅଶାନ୍ତି ବଢ଼ିବ। ମହିଳାମାନେ ଧର୍ମପରାୟଣା ହେବେ। ଛାତ୍ରଛାତ୍ରୀମାନେ ସଫଳତା ଲାଭ କରିପାରନ୍ତି।
ମିଥୁନ	କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ସହ ମନାନ୍ତର ହୋଇପାରେ। ଶତ୍ରୁତା ବୃଦ୍ଧି ହୋଇ ପାରିବାରିକ ଅଶାନ୍ତି ଦେଖାଦେଇପାରେ। ବନ୍ଧୁଙ୍କ ଦ୍ୱାରା ଦୂରଯାତ୍ରା କରି ହଇରାଣରେ ପଡ଼ିପାରନ୍ତି। ମହିଳାମାନେ ପିଲାମାନଙ୍କ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀମାନେ ସାବଧାନ ରହିବା ଆବଶ୍ୟକ।
କର୍କଟ	ଶତ୍ରୁମାନେ ପୁରୁଣା କଥାକୁ ଦୋହରାଇ ପରାଜିତ ହେବେ। କର୍ମକ୍ଷେତ୍ରରେ ସ୍ଥାନାନ୍ତରିତ ହୋଇପାରନ୍ତି। ଆକସ୍ମିକ ଧନବ୍ୟୟ ହୋଇପାରେ। ପାରିବାରିକ ଅଶାନ୍ତି ବୃଦ୍ଧି ପାଇବା ଜଣାପଡୁଛି। ଶରୀର ସୁସ୍ଥତା ବଢ଼ିବ। ମାନସିକ ଅଶାନ୍ତି ଦେଖାଦେବ। ମହିଳାମାନେ ଧର୍ମକାର୍ଯ୍ୟ କରିବାକୁ ଆଗେଇବେ।
ସିଂହ	ଧନହାନି ହୋଇପାରେ। କର୍ମକ୍ଷେତ୍ରରେ ହଇରାଣ ହୋଇପାରନ୍ତି। ଦୁର୍ଜନଙ୍କ ସହ ସମ୍ପର୍କରୁ ଅସୁବିଧା ଓ ହଇରାଣ ହେବେ। ବାଦବିବାଦ ଲାଗି କାର୍ଯ୍ୟରେ ହଇରାଣ ହେବେ। ମାନସିକ ଅଶାନ୍ତି ବଢ଼ିବ। ଶରୀର ଅସୁସ୍ଥ ରହିବ। ମହିଳାମାନେ ବିବ୍ରତ ରହିବେ।
କନ୍ୟା	କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଧନଲାଭର ସୁଯୋଗ ଆସିପାରେ। ଗୁରୁଜନଙ୍କ ଆଶୀର୍ବାଦରୁ ସମ୍ପତ୍ତି ଓ ସୁଖ ବୃଦ୍ଧି ପାଇବ। ଗୃହରେ କୌଣସି ମାଙ୍ଗଳିକ କାର୍ଯ୍ୟର ସୁଯୋଗ ଆସିପାରେ। ଦୁର୍ଜନଙ୍କଠାରୁ ଦୂରେଇ ରୁହନ୍ତୁ।
ତୁଳା	କର୍ମକ୍ଷେତ୍ରରେ ସ୍ଥାନାନ୍ତର ଯୋଗ। ଧନଲାଭର ସୁଯୋଗ ଆସିପାରେ। ବନ୍ଧୁ ସହଯୋଗ ମିଳିବ। ଗୃହକାର୍ଯ୍ୟରେ ସଫଳତା ଲାଭ କରିବେ। ଶରୀର ଅସୁସ୍ଥ ରହିବ। ମହିଳାମାନେ ଧର୍ମପରାୟଣା ହୋଇ ରହିବେ।
ବିଛା	ଧନଲାଭର ସୁଯୋଗ ରହିଛି। କର୍ମକ୍ଷେତ୍ରରେ ସଫଳତାର ଲାଭ କରିବେ। ଆକସ୍ମିକ ବ୍ୟୟ ବୃଦ୍ଧି ହୋଇପାରେ। ଭୂମି, ଗୃହ ସମ୍ବନ୍ଧୀୟ ବିବାଦ ପାଇଁ ଚିନ୍ତିତ ରହିବେ। ଶାରୀରିକ ଅସୁସ୍ଥତା ବୃଦ୍ଧି ହେବ। ମହିଳାମାନେ କୌଣସି ଏକ ଧର୍ମକାର୍ଯ୍ୟରେ ନିୟୋଜିତ ହେବେ।
ଧନୁ	ବ୍ୟବସାୟରେ ବିଘ୍ନ ସୃଷ୍ଟି ହୋଇପାରେ। ଶତ୍ରୁମାନେ ହଇରାଣ କରିପାରନ୍ତି। ଦୂରଯାତ୍ରା ଯୋଗୁ ଅସୁବିଧା ହୋଇପାରେ। ପାରିବାରିକ ଅଶାନ୍ତି ବୃଦ୍ଧି ପାଇବ। ସମସ୍ତ ବାଧାବିଘ୍ନ ସତ୍ତ୍ୱେ ଅଳ୍ପ ଧନଲାଭ ହୋଇପାରେ। ମହିଳାମାନେ ବିବ୍ରତ ରହିବେ। ଛାତ୍ରଛାତ୍ରୀମାନେ ଚିନ୍ତିତ ହେବେ।
ମକର	ଚାକିରି କ୍ଷେତ୍ରରେ ଧନହାନିର ସମ୍ଭାବନା ରହିଛି। ବ୍ୟବସାୟରେ କ୍ଷତି ହୋଇପାରେ। ଆର୍ଥିକ ଅଭାବ ବଢ଼ିବ। ଗୃହବିବାଦ ବୃଦ୍ଧିପାଇବ। ଶାରୀରିକ ଅସୁସ୍ଥତା ଦେଖାଦେବ। କିନ୍ତୁ ମହିଳାମାନେ ଦୁଃଖରେ ସମୟ ଅତିବାହିତ କରିବେ ଏବଂ ସଫଳତା ପାଇପାରନ୍ତି।
କୁମ୍ଭ	ବାଣିଜ୍ୟ ଓ ବ୍ୟବସାୟରେ ଲାଭ ପାଇବେ। ଶତ୍ରୁମାନେ ପରାଜିତ ହେବେ। ଧନ ଓ ସମ୍ମାନପ୍ରାପ୍ତିର ସୁଯୋଗ ଆସିବ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ମହିଳା ଅନ୍ୟକୁ ଦାନପୁଣ୍ୟରେ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀମାନେ ଶିକ୍ଷାରେ ଉନ୍ନତି କରିବେ।
ମୀନ	ଗୃହରେ ଧନହାନିର ସମ୍ଭାବନା। କର୍ମକ୍ଷେତ୍ରରେ ଅସୁବିଧା ଭୋଗିପାରନ୍ତି। ଭ୍ରାତୃ ଓ ସନ୍ତାନମାନଙ୍କ ଦ୍ୱାରା ଦୁଃଖ ଓ କଷ୍ଟ ଭୋଗିବେ। ମାନସିକ ଓ ଶାରୀରିକ ଅଶାନ୍ତି ବଢ଼ିବ। ପାରିବାରିକ ଅଶାନ୍ତି ହେବା ପୂର୍ବରୁ ମହିଳାମାନେ ଚିନ୍ତିତ ରହିପାରନ୍ତି। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

ନଳକୂପ ଖନନକୁ କେନ୍ଦ୍ରକରି ୱାର୍ଡସଭ୍ୟଙ୍କୁ ଆକ୍ରମଣ

ରଣପୁର,୧୨।୬/ଏନ୍ଏନ୍ଏସ୍: ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ଝାଡ଼ପଡ଼ା ପଞ୍ଚାୟତର ନମଗାଡ଼ିଆ ଗ୍ରାମରେ ନଳକୂପ ଖନନକୁ କେନ୍ଦ୍ରକରି ୱାର୍ଡ ମେମ୍ବର ଦିବାକର ମାନସିଂଙ୍କୁ ଆକ୍ରମଣ ହୋଇଥିବା ଚାନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ଗ୍ରାମରେ ନଳକୂପ ଖୋଳିବା ସ୍ଥାନକୁ ନେଇ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କନୀଷ୍ଠଯନ୍ତ୍ରୀ ସୁବାଷ ମହାନ୍ତି ସ୍ଥାନ ଚିହ୍ନଟ କରି ଖନନ କାର୍ଯ୍ୟ ଆରମ୍ଭ ହେବା ପରେ ଚାଲିଯିବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ୱାର୍ଡ ମେମ୍ବର ଦିବାକର ମାନସିଂ ଘଟଣାର ସମାଧାନ ପାଇଁ ଉଦ୍ୟମ କରୁଥିବା ବେଳେ ଗୋଟିଏ ଗୋଷ୍ଠୀର କିଛି ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ଅବକାରୀ ଚଢ଼ଉ, ୨ ମହିଳା ଗିରଫ

ଓଡ଼ଗାଁ, ୧୨।୬/ଏନ୍ଏନ୍ଏସ୍: ନୟାଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଓଡ଼ଗାଁ-ମଠଖଜୁରିଆ ରାସ୍ତାରେ ବେଆଇନ୍ ଭାବେ ଦେଶୀ ମଦ ବିକ୍ରି କରୁଥିବା ୨ଜଣ ମହିଳାଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମହିଳା ଦୁଇଜଣ ଅଞ୍ଚଳର ଝୁନି ସାହୁ(୪୫) ଓ ରୁକୁଣା ମଣ୍ଡଳ(୫୦) ବୋଲି ଜଣାପଡିଛି। ଗିରଫ ଦୁଇ ମହିଳା ନିୟମିତ ଭାବେ ଦେଶୀମଦ ବିକ୍ରି କରିଆସୁଥିଲେ। ଅବକାରୀ ଇନ୍ସପେକ୍ଟର ମୃତ୍ୟୁଞ୍ଜୟ ବେହେରା, ବାଳକୃଷ୍ଣ ପରିଡ଼ା, ବିକାଶ ଟପନୁ ଓ ଅବକାରୀ କର୍ମଚାରୀମାନେ ଆଜି ସକାଳେ ଚଢ଼ଉ କରି ଉଭୟଙ୍କୁ ଗିରଫ କରିବା ବେଳେ ସେମାନଙ୍କ ନିକଟରୁ ୧୩ଲିଟର ଦେଶୀମଦ ଜବତ କରିଥିଲେ। ଏ ନେଇ ଅବକାରୀ ବିଭାଗ ସଦର ଏବଂ ମୋବାଇଲ ପକ୍ଷରୁ ୨ଟି ପୃଥକ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପୋଖରୀରେ ବିଷ ପ୍ରୟୋଗ ମଲେ ଲକ୍ଷାଧିକ ଟଙ୍କାର ମାଛ

ବାଲକାଟୀ,୧୨।୬/ଏନ୍ଏନ୍ଏସ୍: ବାଲିଅନ୍ତା ଥାନା ରଣପୁର ଗ୍ରାମରେ ଗତକାଲି ରାତିରେ କେହି ଦୁର୍ବୃତ୍ତ ପଞ୍ଚାୟତ ପୋଖରୀରେ ବିଷ ପକାଇ ଦେଇଛନ୍ତି। ଫଳରେ ଲକ୍ଷାଧିକ ଟଙ୍କାର ମାଛ ସହ ଅନ୍ୟାନ୍ୟ ଜଳଚର ଜୀବ ମରି ଭାସୁଥିବା ଦେଖିବାକୁ ମିଳିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେହି ଦୁର୍ବୃତ୍ତ ପୋଖରୀରେ ବିଷ ପକାଇ ଦେଇଥିବା ସନ୍ଦେହ କରାଯାଉଛି। ବର୍ତ୍ତମାନ ପୋଖରୀ ଜଳ ବିଷାକ୍ତ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଏ ସମ୍ପର୍କରେ ଗ୍ରାମ କମିଟି ପକ୍ଷରୁ ବାଲିଅନ୍ତା ଥାନାରେ ଅଭିଯୋଗ ହୋଇଛି। ବାଲକାଟି ଫାଣ୍ଡି ପୁଲିସ୍ ପ୍ରଫୁଲ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟିଲେ ରେଳ ୟୁଜର୍ସ ଆସୋସିଏସନ୍

ଟାଙ୍ଗୀ(ଖୋର୍ଦ୍ଧା), ୧୨।୬/ଏନ୍ଏନ୍ଏସ୍ : ପୂର୍ବତଟ ରେଳବାଇର କାଲୁପଡାଘାଟ ଷ୍ଟେସନ୍ ରେଳ ୟୁଜର୍ସ ଆସୋସିଏସନ୍ ପକ୍ଷରୁ ଏକ ପ୍ରତିନିଧି ଦଳ ଆଜି ଖୋର୍ଦ୍ଧା ରେଳ ଡିଭିଜନ୍‌ର ବରିଷ୍ଠ ଅଧିକାରୀମାନଙ୍କୁ ସାକ୍ଷାତ କରି ଷ୍ଟେସନ୍‌ର ଉନ୍ନତି ସମ୍ପର୍କରେ ଆଲୋଚନା କରିଛନ୍ତି। ଆସୋସିଏସନ୍ ପକ୍ଷରୁ କାଲୁପଡ଼ାଘାଟ ଷ୍ଟେସନ୍‌ରେ ବିନା ଟିକେଟ୍ ଯାତ୍ରୀଙ୍କୁ ନିରୁତ୍ସାହିତ କରିବାରେ ସଫଳ ହୋଇଥିବା ନେଇ ରେଳ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ। ଖୋର୍ଦ୍ଧା ରୋଡ୍ ରେଳ ଡିଭିଜନ୍‌ର ସିନିୟର ଡିଭିଜିନାଲ କମରସିଆଲ ମ୍ୟାନେଜର, ସିନିୟର ଡିଭିଜିନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଓ ସିନିୟର ଡିଭିଜିନାଲ ଇଞ୍ଜିନିୟର (ଦକ୍ଷିଣ) ପ୍ରମୁଖଙ୍କୁ ସାକ୍ଷାତ କରିଥିଲେ। ଏହି ଅଧିକାରୀମାନେ ଖୁବ୍‌ଶୀଘ୍ର କାଲୁପଡ଼ାଘାଟ ଷ୍ଟେସନ୍ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ।

ନାବାଳିକା ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

କଳାପଥର୧୨।୬/ଏନ୍ଏନ୍ଏସ୍: ବୈଦେଶ୍ୱର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଜନୈକା ୧୫ ବର୍ଷୀୟା ନାବାଳିକାକୁ ଅପହରଣ କରାଯାଇ ପରେ ଦୁଷ୍କର୍ମ କରାଯାଇଥିବା ବୈଦେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରି ଆଣି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ବ୍ରହ୍ମପୁରା ଗ୍ରାମର ଆକାଶ ନାୟକ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ବୈଦେଶ୍ୱର ଥାନା ଜଗନ୍ନାଥପୁର ଗ୍ରାମର ଜନୈକା ନାବାଳିକାଙ୍କୁ ବାଙ୍କୀ ଥାନା ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମର ଆକାଶ ନାୟକ ନାମକ ଜଣେ ଯୁବକ ଅପହରଣ କରିନେଇଥିଲା। ନାବାଳିକାଙ୍କୁ ପୁଲିସ ଉଦ୍ଧାର କରିବା ପରେ ଅଭିଯୁକ୍ତ ଜଣକ ତାଙ୍କୁ ଏକାଧିକ ଥର ଦୁଷ୍କର୍ମ କରିଥିବା ନେଇ ସେ ପୁଲିସ ଆଗରେ କହିଥିଲେ। ବୈଦେଶ୍ୱର ପୁଲିସ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅପହୃତା ଯୁବତୀଙ୍କୁ ତାଙ୍କ ପରିବାରବର୍ଗଙ୍କୁ ପୁଲିସ ହସ୍ତାନ୍ତର କରିଛି।

ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ



ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନରସିଂହପୁର
ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)
2018-6-12 12:14

ନରସିଂହପୁର,୧୨।୬/ଏନ୍ଏନ୍ଏସ୍: ନରସିଂହପୁର ବ୍ଲକ୍ ପରିସରରେ ଆଜି ହିତାଧିକାରୀମାନଙ୍କୁ ବିଧାୟକ ଦେବୀ ପ୍ରସାଦ ମିଶ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏଥିରେ ୩୬ଟି ପଞ୍ଚାୟତର ୧୦୦ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ ପାଇଁ ଡକାଯାଇଥିବା ବେଳେ ବନ୍ଧହୁଡ଼ା ପଞ୍ଚାୟତର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ନହେବାରୁ ସରପଞ୍ଚ ବିମ୍ବାଧର ସାହୁ ଓ ହିତାଧିକାରୀ ହୋହଲ୍ଲା କରିଥିଲେ। ଆଜି ବ୍ଲକ୍‌ର ୩୭ଟି ପଞ୍ଚାୟତରୁ କମ୍ ସଂଖ୍ୟକ ହିତାଧିକାରୀ ଆସିଥିଲା ବେଳେ ପର୍ଯ୍ୟାୟ କ୍ରମେ ଅନ୍ୟ ପଞ୍ଚାୟତର ହିତାଧିକାରୀଙ୍କୁ ଆବାସ ବଣ୍ଟାଯିବ ବୋଲି ସୂଚନା ମିଳିଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ କିଶୋର ମିଶ୍ର, ଜିଲ୍ଲାପରିଷଦ ସଭ୍ୟ ନିର୍ମଳ ଜେନା, ବିଡିଓ ପ୍ରଶାନ୍ତ ତରାଇ, ସହକାରୀ ପ୍ରବୀଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କାର୍ଯ୍ୟକ୍ରମର ବ୍ୟାନର୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରିବର୍ତ୍ତେ କେବଳ ଗ୍ରାମୀଣ ଆବାସ ଯୋଜନା ଲେଖାଯାଇଥିଲା। ଏଥିପାଇଁ ବିଜେପିର ବରିଷ୍ଠ ନେତା ତ୍ରିପୁରା ଦେହୁରୀ, ବିଜୟ ଦଳବେହେରା, ମନୋଜ ପଣ୍ଡା, ନୀଳାମ୍ବର ବାରିକ ପ୍ରମୁଖ ଅଭିଯୋଗ ଆଣିଛନ୍ତି।

ନବବଧୂ ସ୍ମିତାଶ୍ରୀ ହତ୍ୟା ମାମଲା

ସ୍ୱାମୀ କୋର୍ଟଚାଲାଣ, ପରିବାର ଲୋକେ ଫେରାର୍

ନିଶ୍ଚିନ୍ତକୋଇଲି,୧୨।୬/ଏନ୍ଏନ୍ଏସ୍: ନିଶ୍ଚିନ୍ତକୋଇଲି ବ୍ଲକ୍ ବରାଦୋ ପଞ୍ଚାୟତ ପାଟପୁର ଗ୍ରାମର ନବବଧୂ ସ୍ମିତାଶ୍ରୀ ହତ୍ୟା ମାମଲାରେ ସାଲେପୁର ପୁଲିସ୍ ଆଜି ସ୍ୱାମୀ ଚୌଧୁରୀ ବିଶ୍ୱବଲ୍ଲଭ ନନ୍ଦଙ୍କୁ କୋର୍ଟଚାଲାଣ କରିଥିଲା ବେଳେ ପରିବାର ସଦସ୍ୟମାନେ ଘରେ ତାଲା ପକାଇ ଫେରାର୍ ହୋଇଯାଇଛନ୍ତି। ରବିବାର ବିଳମ୍ବିତ ରାତିରେ ରହସ୍ୟଜନକ ଭାବେ ଚୌଧୁରୀ ଅଜୟ କୁମାର ନନ୍ଦଙ୍କ ପୁତ୍ରବଧୂ ସ୍ମିତାଶ୍ରୀ ଅର୍ଦ୍ଧଦଗ୍ଧ ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ସ୍ମିତାଶ୍ରୀଙ୍କ ବୋଉ ଅହଲ୍ୟା ହୋତା ସାଲେପୁର ଥାନାରେ ଅଭିଯୋଗ କରିବା ପରେ ଥାନା ପୁଲିସ ଘଟଣାର ତଦନ୍ତ କରି ଏକ ହତ୍ୟା ମାମଲା ରୁଜୁ କରିଥିବା ସୂଚନା ମିଳିଛି। ସ୍ୱାମୀ ବିଶ୍ୱବଲ୍ଲଭକୁ ପୁଲିସ୍ ସୋମବାର ରାତିରେ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସାଲେପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଶ୍ୱଶୁର ଚୌଧୁରୀ ଅଜୟ କୁମାର ନନ୍ଦ, ଦେଢ଼ଶୁର, ଯାଆ, ନଣନ୍ଦ ଏବଂ ଅନ୍ୟମାନେ ଘରେ ତାଲା ପକାଇ ଫେରାର୍ ହୋଇଯାଇଛନ୍ତି। ତେବେ ମୃତ ସ୍ମିତାଶ୍ରୀଙ୍କ ସାତ ବର୍ଷର ଶିଶୁପୁତ୍ର ଏବେ କେଉଁଠି ରହିଛି, ତାହା ଜଣାପଡ଼ିନାହିଁ।

ଭାପୁରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଭାପୁର,୧୨।୬/ଏନ୍ଏନ୍ଏସ୍: ନୟାଗଡ଼ ଜିଲ୍ଲା ଭାପୁର ସଦର ମହକୁମା ରଥଯାତ୍ରା ଉତ୍ସବ ପାଇଁ ସୋମବାର ଅପରାହ୍ଣରେ ଭାପୁର ପୂର୍ତ୍ତ ବିଭାଗ ବଙ୍ଗଳାରେ ଏକ ପ୍ରସ୍ତୁତି ବୈଠକ ରଥଯାତ୍ରା କମିଟିର ସଭାପତି ସୁମନ୍ତ କୁମାର ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭାପୁର ତହସିଲ୍‌ଦାର ତୃପ୍ତି ମହାନ୍ତିଙ୍କ ସଭାପତିତ୍ୱରେ ଏହି ବୈଠକରେ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ଗୟାଧର ପରିଡ଼ା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଅଶୋକ କୁମାର ମଲ୍ଲିକ, ନୟାଗଡ଼ ଜଗନ୍ନାଥମନ୍ଦିର କମିଟି ଅଧିକାରୀ ବିଦ୍ୟାଧର ଆଚାର୍ଯ୍ୟ, ବିମଳ ପଟ୍ଟନାୟକ, ଫତେଗଡ଼ ସମିତିସଭ୍ୟଙ୍କ ପ୍ରତିନିଧି ବେଣୁଧର ପ୍ରଧାନ, ଭାପୁର ବ୍ଲକ୍ ବିଜେଡି ଯୁବ ସଭାପତି ସୁଶାନ୍ତ କୁମାର ସାହୁ, ଫାଣ୍ଡି ଅଧିକାରୀ ବୃନ୍ଦାବନ ସାହୁ, ଫରେଷ୍ଟର ସନ୍ଧ୍ୟାରାଣୀ ନାଏକ, ଶିକ୍ଷକ ବିଜୟ କୁମାର ଚୌଧୁରୀ, ଦମକଳବାହିନୀ କର୍ମଚାରୀ ପ୍ରତାପ ଚନ୍ଦ୍ର ବେହେରା, ସେକ୍ସନ ୨ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଅନୁପ କୁମାର ମୁଣ୍ଡା, ନାରାୟଣ ତ୍ରିପାଠୀ, ସମାଜସେବୀ ପ୍ରଫୁଲ୍ଲ କୁମାର ସାହୁ, ତାରିଣୀ ସଂଘ ସଭାପତି ଜଗନ୍ନାଥ ବାରିକ, ନିମାପି ସମିତିସଭ୍ୟା ପ୍ରତିନିଧି ପ୍ରତାପ କୁମାର ସାହୁ, ଭାପୁର କଲେଜ ଅଧ୍ୟାପକ ଗଗନବିହାରୀ ତ୍ରିପାଠୀ, ଜିତେନ୍ଦ୍ର ରଣସିଂ ପ୍ରମୁଖ ଉପସ୍ଥିତ ଥିଲେ। ଗଙ୍ଗାଧର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାଧୁଚରଣ ସିଂ ବିବରଣୀ ପାଠ ଏବଂ ସୁମନ୍ତ ଜେନା ସୂଚନା ପ୍ରଦାନ କରିଥିଲେ। ବୈଠକରେ ରଥଯାତ୍ରା ଶାନ୍ତି ଶୃଙ୍ଖଳାରେ ହେବାକୁ ସବୁପ୍ରକାର ବନ୍ଦୋବସ୍ତ କରାଯିବା ସହ ରଥର ପୂଜାର୍ଚ୍ଚନାର ନୀତିନିର୍ଘଣ୍ଟ ନିର୍ଘଣ୍ଟ କରାଯାଇଥିଲା। ଏଥିରେ ସମସ୍ତେ ସହଯୋଗ କରିବାକୁ ଆଲୋଚନା ହେବାସହ ଜଗନ୍ନାଥ ମନ୍ଦିର ପାଇଁ ଭାପୁର ବ୍ଲକ୍ ଓ ତହସିଲ୍ କାର୍ଯ୍ୟାଳୟରେ ଦାନବାକ୍ସ ରଖାଯିବାକୁ ନିଷ୍ପତ୍ତି ହୋଇଥିଲା।

2018-6-11 18:10

୧୯୮୦ ମ୍ୟାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ସାକ୍ଷୀଗୋପାଳ, ୧୨।୬/ଏନ୍ଏନ୍ଏସ୍ : ସତ୍ୟବାଦୀ ବ୍ଲକ ରାୟଚକ୍ରଧରପୁର ହାଇସ୍କୁଲର ୧୯୮୦ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀମାନଙ୍କ ବନ୍ଧୁମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଙ୍ଗବଲ୍ଲଭ ମିଶ୍ର ଅଧ୍ୟକ୍ଷତା କରି ପ୍ରଥମେ ବିଦ୍ୟାଳୟ ପରିସରେ ସଫେଇ କରାଯାଇ ବୃକ୍ଷ ରୋପଣ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ଶିକ୍ଷୟିତ୍ରୀ ବନ୍ଦନା ମହାପାତ୍ର ତାଙ୍କ ସ୍ୱରଚିତ କବିତା 'ବନ୍ଧୁତ୍ୱ ମହକ' ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ଏବଂ ମୁଖ୍ୟବକ୍ତା ଭାବେ ଶିକ୍ଷକ ସତ୍ୟବାଦୀ ଦାଶ ଯୋଗଦେଇଥିଲେ। ସେ ସମୟରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଶିକ୍ଷାଦାନ ଉପରେ ଉପସ୍ଥିତ ଥିବା ପୁରାତନ ଛାତ୍ରଛାତ୍ରୀମାନେ ନିଜ ନିଜର ଅନୁଭୂତି ମନେପକାଇଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଯୋଜନା 'ମୋ ସ୍କୁଲ' ଅଭିଯାନରେ ସାମିଲ ହେବା ସହ ଆଗାମୀ ଦିନରେ ବନ୍ଧୁମିଳନ ସହିତ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୀଳମାଧବ ମିଶ୍ର, ସଦାଶିବ ସାହୁ, ଲିଙ୍ଗରାଜ ପ୍ରଧାନ, ଲଳିତା ମହାପାତ୍ର, ବନ୍ଦନା ମହାପାତ୍ର, ବସନ୍ତ ମହାପାତ୍ର, ଗୋପାଳ ପଣ୍ଡା, ରାମଚନ୍ଦ୍ର ମହାପାତ୍ର, ଦିଲ୍ଲୀପ ମିଶ୍ର, ନୀଳାଚଳ ମହାପାତ୍ର, ଭାଗବତ ଖଟେଇ, ଶଙ୍କର ବେହେରା, ଶିଖର ମହାପାତ୍ର, ସୁବାସ ଚନ୍ଦ୍ର ଦାଶ, ପ୍ରକାଶ ମିଶ୍ର ଓ ନାରାୟଣ ସେନାପତି ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଗୋପିନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

ମହୁମାଛି ଆକ୍ରମଣରେ ଜଣେ ମୃତ, ୨ ଆହତ

କାକଟପୁର,୧୨।୬/ଏନ୍ଏନ୍ଏସ୍: କାକଟପୁର ବାଙ୍ଗୁରିଗାଁ ପଞ୍ଚାୟତରେ ମହୁମାଛି ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ଭାବେ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତକ ଜଣକ ସ୍ଥାନୀୟ କଣିଆ ଗ୍ରାମର ପ୍ରାଣନାଥ ସାହୁ (୬୦) ବୋଲି ଜଣାପଡିଛି।

ପ୍ରକାଶ ଯେ, ପ୍ରାଣନାଥ ନିଜ ବିଲରେ କାମ କରୁଥିବା ସମୟରେ ନିକଟରେ ଏକ ବରଗଛରେ ହୋଇଥିବା ମହୁଫେଣାରୁ ମହୁମାଛି ଆସି ହଠାତ୍ ପ୍ରାଣନାଥଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ପ୍ରାଣନାଥ ଗୁରୁତର ହୋଇପଡିଥିବା ବେଳେ ତାଙ୍କୁ ରକ୍ଷା କରିବାକୁ ଯାଇ କଣିଆ ଓ ଛୋଟିପଡ଼ା ଗ୍ରାମର ୨ ଜଣ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ପ୍ରାଣନାଥଙ୍କୁ ବାଙ୍ଗୁରିଗାଁ ମେଡ଼ିକାଲ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପ୍ରାଣନାଥଙ୍କୁ ନିଜ ଗ୍ରାମକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା। ଅନ୍ୟ ୨ ଜଣ ବାଙ୍ଗୁରିଗାଁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ମହୁମାଛିଙ୍କୁ ଘଉଡ଼ାଇବାକୁ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବିଭିନ୍ନ ଦାବି ନେଇ ପାଚିକା ସହାୟିକାଙ୍କ ବିକ୍ଷୋଭ

ନୟାଗଡ଼, ୧୨।୬/ଏନ୍ଏନ୍ଏସ୍: ବିଭିନ୍ନ ଦାବି ନେଇ ସିଆଇଟିୟୁସି ପରିଚାଳିତ ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ଆଜି ନୟାଗଡ଼ ସହରରେ ଶୋଭାଯାତ୍ରା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାଚିକାମାନଙ୍କର ମାସକୁ ସର୍ବନିମ୍ନ ଦରମା ୧୮ ହଜାର ଟଙ୍କା କରାଯିବା, ବର୍ଷକରେ ୧୨ ମାସ ଭତ୍ତା ପ୍ରଦାନ, ଛଟେଇ ହୋଇଥିବା ପାଚିକାଙ୍କୁ ପୁନନିଯୁକ୍ତ ପ୍ରଦାନ, କାର୍ଯ୍ୟର ସୁରକ୍ଷା ଓ ସୁନିଶ୍ଚିତ କରାଯିବା, ୨୮୯ ମାସର ବକେୟା ପ୍ରାପ୍ୟ ପ୍ରଦାନ, ପାଚିକାଙ୍କୁ ଇପିଏଫ ଓ ଇଏସ୍ଆଇ ଅନ୍ତର୍ଭୁକ୍ତ କରାଯିବା ସହିତ ମଧ୍ୟାହ୍ନଭୋଜନକୁ ଘରୋଇକରଣ କରାନଯିବା ଆଦି ଦାବି ନେଇ ଜିଲ୍ଲାରୁ ପ୍ରାୟ ୨ ଶହ ପାଚିକା ନୟାଗଡ଼ ସହର ନିକଟସ୍ଥ ସିନ୍ଦୁରିଆ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। ସିଆଇଟିୟୁର ଜିଲ୍ଲା ସଭାପତି ବିଶ୍ୱପନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶରତ ଚନ୍ଦ୍ର ବେହେରା, ଗଙ୍ଗାଧର ପଣ୍ଡା, ଗୋଲକ ବିହାରୀ ମୁଦୁଲି, ଏସ୍ଏ କରିମ୍, ଜୟନ୍ତୀ ଦାସ, ପବିତ୍ର ଇନ୍ଦ୍ରଜିତ, ସରୋଜ ନାୟକ, ଅଲୋକ ପ୍ରଧାନ, ଜ୍ୟୋତିପ୍ରଭା ଜେନା, ଚାପଧାରୀ ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସଂଘର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଏନ୍ ତିରୁମଲ୍ଲା ନାୟକଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

ଚୋରା ଦେଶୀ ମଦ ଜବତ

ନୟାଗଡ଼, ୧୨।୬/ଏନ୍ଏନ୍ଏସ୍: ନୟାଗଡ଼ ସଦର ଥାନା ଅନ୍ତର୍ଗତ ରାଜପାଟଣା ଗ୍ରାମରୁ ଚୋରା ଦେଶୀ ମଦ ଜବତ କରିବା ସହ ସଦର ପୁଲିସ୍ ଜଣେ ଯୁବକଙ୍କୁ ଗିରଫ କରିଛି।

ରଘୁନାଥ ପ୍ରସାଦ ଗ୍ରାମର ଯୁଗଳ ପ୍ରଧାନଙ୍କ ପୁଅ ବାବୁଲି ପ୍ରଧାନ ଏକ ବ୍ୟାଗ୍‌ରେ ୧୦ ଲିଟର ଚୋରା ଦେଶୀ ମଦ ନେଇ ବାଇକ୍‌ରେ ଯାଉଥିବା ଖବର ପାଇ ସଦର ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବାଇକ୍ ଓ ଚୋରା ମଦ ଜବତ କରିଛି।